# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 February – 2026**

## ପାରାଦୀପ ବନ୍ଦର

ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁସଙ୍ଗିକ ସୁବିଧା ବିକାଶ ଲାଗି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି । ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ଦେଶର ବନ୍ଦର ଗୁଡ଼ିକ ସବୁଜ ବିକାଶ, ନବ ପ୍ରବର୍ତ୍ତନର ଦ୍ୱାର ଭାବେ ପରିଣତ ହେଉଛି । ଏହି ପ୍ରକଳ୍ପ କାର୍ଯ୍ୟ ଦୁଇବର୍ଷ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ସୁବିଧାର ବାର୍ଷିକ ପରିଚାଳନା ସାମର୍ଥ୍ୟ ୪ ଦଶମିକ ଶୂନ୍ ମିଲିୟନ ଟନ୍ ରହିବ ।

## ବିମାନ ଭଡ଼ା

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ-ଡିଜିସିଏ ପକ୍ଷରୁ ବିମାନ ଭଡ଼ା ଫେରସ୍ତ ନିୟମକୁ କୋହଳ କରାଯାଇଛି । କୌଣସି ଯାତ୍ରୀ ଟିକେଟ୍ ବୁକିଂ କରିବାର ୪୮ ଘଣ୍ଟା ମଧ୍ୟରେ ଟିକେଟ ବାତିଲ କଲେ ଭଡ଼ା ଅର୍ଥରୁ କିଛି କଟିବ ନାହିଁ ବୋଲି ସଂଶୋଧିତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହା ବ୍ୟତୀତ ୪୮ ଘଣ୍ଟା ମଧ୍ୟରେ ଯାତ୍ରୀ ଯାତ୍ରା ନିର୍ଘଣ୍ଟ ପରିବର୍ତ୍ତନ ନ କଲେ ସଂପୃକ୍ତ ଏୟାର ଲାଇନ୍ସ କମ୍ପାନୀ କୌଣସି ଅତିରିକ୍ତ ଦାବି କରିପାରିବ ନାହିଁ ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି ।

# ମୁଖ୍ୟମନ୍ତ୍ରୀ-ରେଳମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ଏବଂ ଅନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଆଲୋଚନା କରିଛନ୍ତି । ଲୋକଙ୍କ କଲ୍ୟାଣ ତଥା ସେମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ-କେନ୍ଦ୍ର ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

# ଶାହାଙ୍କ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ମାସ ୫ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ଶ୍ରୀ ଶାହା ୫ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡଳିସ୍ଥିତ ସିଆଇଏସ୍ଏଫ୍ ର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନରେ ଜାତୀୟ ଫରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଭୂମି ପୂଜନ ସହ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ।

## ମହାନଦୀ ଜଳବିବାଦ ସଦସ୍ୟ

ମହାନଦୀ ଜଳବିବାଦ ପ୍ରାଧିକରଣର ସଦସ୍ୟ ମହାନଦୀ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଛନ୍ତି । ପ୍ରାଧିକରଣର ଅଧକ୍ଷା ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ୧୦ଜଣିଆ ଦଳ ଆଜି ହୀରାକୁଦ ଜଳଭଣ୍ଡାର ଅଭିମୁଖେ ଯାଇ ସ୍ଲିପ୍‌ୱେ ପାୱାରହାଉସ୍ ଏବଂ ସେଚାଞ୍ଚଳ ବୁଲିଦେଖିବେ । ଏହା ବ୍ୟତୀତ ଚିପିଲିମା ପାୱାର ହାଉସ୍‌ର ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବେ  ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ଅପରେସନ ସାଇବର

ଓଡ଼ିଶା ପୋଲିସ୍ ପକ୍ଷରୁ ଅପରେସନ ସାଇବର କବଚରେ ରାଜ୍ୟରେ ମୋଟ୍ ୧୩ ହଜାର ୯୭୬ଟି ବେନାମି ଆକାଉଣ୍ଟ ଜବତ କରାଯାଇଛି । ଏହା ସହ ୨୫୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ତି, ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ୍ ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନର ଆହୁରି କଡ଼ାକଡ଼ି ହେବ ।

---

## ତୋଷାଳି ମେଳା

ଭୁବନେଶ୍ୱର ଜନତା ମଇଦାନଠାରେ ବିଂଶତମ ତୋଷାଳି ମେଳା ଉଦ୍‌ଯାପିତ ହୋଇଯାଇଛି । ମେଳାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର

ଯୋଗଦେଇ କହିଥିଲେ, ତୋଷାଳି ମହାକୁମ୍ଭ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହୋଇପାରିଛି । ଏହି ଅବସରରେ ଡ୍ରୋନ୍ ଶୋ'ରେ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା ।

## ସ୍ନାତକୋତ୍ତର ନାମଲେଖା

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷ ଲାଗି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା - ସିପିଇଟି ଲାଗି ଆଜିଠାରୁ ଆବେଦନ ଆରମ୍ଭ ହେଉଛି । ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ୍‌ରେ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ । ଏପ୍ରିଲ୍ ମାସ ୨୭ ତାରିଖରୁ ମଇମାସ ୧୦ ତାରିଖ ପର୍ଯ୍ୟନ୍ତ ସିପିଇଟି ପରୀକ୍ଷା ଅନୁଷ୍ଠିତ ହେବ ।

## ବାଲୁକା ଶିଳ୍ପୀ

ଇଟାଲୀର କନ୍‌ଟେମ୍ପରାରି ଭେନିସ୍‌ର ୧୮ତମ ସଂସ୍କରଣରେ ଭାରତ ପକ୍ଷରୁ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରତିନିଧିତ୍ୱ କରିବେ । ଏଥିରେ ଶ୍ରୀ ପଟ୍ଟନାୟକ ରଙ୍ଗ ଓ ବାଲୁକାର ବିଶିଷ୍ଟ ସମ୍ମିଶ୍ରଣ ସହ ପ୍ରକୃତି ସମନ୍ୱୟ ଓ ପରିବେଶ ସୁରକ୍ଷା ସଂପର୍କରେ ଅନନ୍ୟ କଳାକୃତି ପ୍ରଦର୍ଶନ କରିବେ । ଏହି ସଂସ୍କରଣରେ ୩୦ରୁ ଅଧିକ ଦେଶ ଅଂଶ ଗ୍ରହଣ କରିବେ ।

## ଜୟନ୍ତୀ

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଆଜି ରାଜ୍ୟ ବ୍ୟାପି ପାଳନ କରାଯାଉଛି । ସକାଳେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ

ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବେ । ସନ୍ଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ନିଯୁକ୍ତିମେଳା

ଗଞ୍ଜାମ ଜିଲ୍ଲା ଚିକିଟି ମିନି ଷ୍ଟାଡିୟମଠାରେ ନିଯୁକ୍ତିମେଳା ଆୟୋଜିତ ହୋଇଯାଇଛି । ୪୫ଟି ନିୟୋଜକ ଓ ୧୦ଟି ପ୍ରଶିକ୍ଷଣ ସହ-ନିଯୁକ୍ତି ସଂସ୍ଥା ଏଥିରେ ଭାଗ ନେଇଥିଲେ। ମେଳାରେ ୨୧୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ବେଳେ ୮୨୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଛି ।

---

## ଲୋକଅଦାଲତ

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ, ଗଞ୍ଜାମ ବ୍ରହ୍ମପୁର ଓ ଜିଲ୍ଲାର ସମସ୍ତ ତାଲୁକ ଆଇନସେବା କମିଟି ସ୍ତରରେ ଆସନ୍ତାମାସ ୧୪ ତାରିଖ ଦିନ ଜାତୀୟ ଲୋକଅଦାଲତ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଅଦାଲତରେ ଦାଖଲ ହୋଇଥିବା ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବ ।

---